କୁନ୍ତୀସହ ପାଣ୍ଡବଙ୍ଗର ଇନ୍ଦ୍ରପ୍ରଶସ୍ତେ ଅବସ୍ଥିତି
ଆହୋ କୁରୁବଇ ନୃପତି ଧୃତରାଷ୍ଟ
ଅନେକ ତୁସ୍ତି କଲା ବଳରାମଙ୍କୁ ହୋଇ ତୁଷ୍ଟ । ୧
ଧ୍ୟାନେ ଚିନ୍ତିଲା ଯହୁଂ ଅମ୍ବିକାର ବାଳ
ଆସନ କ୍‌ିଲା ଦେବ ସ୍ୱାମୀ କାମପାଳ । ୨
ହସ୍ତିନା ନଗ୍ରେ ଦେବ କଲେକ ବିଜୟେ
ଧୃତରାଷ୍ଟ ଅଗ୍ରତେ କହିଲେ ସଞ୍ଜୟେ । ୩
ଆସନ ତେଜି ଉଠିଲା କୁରୁରାଜ ସ୍ୱାମୀ
ଶ୍ରୀ ବଳରାମଙ୍କ ଚରଣେ ଦଣ୍ଡ ପରିଣାମି । ୪
କ୍ରୋଧଭର ହୋଇଣ କହଇ ଧୃତରାଷ୍ଟ
ଭୋ ଦେବ କାମପାଳ ଦେଖ ମୋହୋର ପୁତ୍ରଙ୍କର କଷ୍ଟ । ୫
ଯହିଂର ନିମନ୍ତେ ମୁଂ କଲି ହୃଦେ ଭ୍ରାନ୍ତି
ଖେଡର ବିନୋଦେ ଭୀମା ମାଇଲା ସବୁନ୍ତି । ୬
ବଳରାମେ ବୋଇଲେ ତୁ ଭ୍ରାନ୍ତି ନ କର କିଛି
ଖେଡର ପରିହାସେ ହୋ ୟେସନେକ କୃତ ଅଛି । ୭
ମୋହୋର ବିଦ୍ୟାୟେଣ ଯେ ଅଟନ୍ତି ଶକତା
ଗଦା ଯୁଦ୍ଧେଣ ୟେ ହୋଇବେ ଜଗଜିତା । ୮
ଧୃତରାଷ୍ଟଙ୍କର ଶତେପୁତ୍ର ମସ୍ତକେ ବଳଦେବ ଦିଲେ ହସ୍ତ
ଆଜହୁଂ ୟେମାନେ ଅଟନ୍ତି ଆମ୍ଭ ପୁତ୍ର । ୯
ତୁ କିଛି ଭ୍ରାନ୍ତି ହୋ ନ କର ୟେହାଙ୍କୁ
ୟେହାଙ୍କର ସମସ୍ତ କଥା ଲାଗଇ ଯେ ମୁକୁ । ୧୦
ବଳରାମଙ୍କ ବଚନେ ତୁଷ୍ଟ ଧୃତରାଷ୍ଟ
ଛାଡିଲାକ ମନ ଭ୍ରାନ୍ତି ଶରୀର କଲା ତୁଷ୍ଟ । ୧୧

ତହୁଂ ବିଜୟେ କାମପାଳ ଦ୍ୱାରକା ଭୁବନେ
ସନିଧ୍ୟେ ପୁଛାକଲେ ଦେବ ଜନାର୍ଦ୍ଦନେ । ୧୨
କହନ୍ତି କାମପାଳ ଧୃତରାଷ୍ଟଙ୍କ ସର୍ବକଥା
ଭାବେଣ କହିଲେ ଦେବ ଖେଡର ବାରତା । ୧୩
ବଳରାମେ ନ ଜାଣନ୍ତି ଅର୍ଜୁନ ତୁଲେ ବାସୁଦେବର ପୀରତି
ଦ୍ରିଯୋଧନକୁ ଆବୋରି କହିଲେ ହଳପତି । ୧୪
ଧୃତରାଷ୍ଟ ପୁଅଙ୍କର ମଥାରେ ହାଥ ଦେଲି
ସମସ୍ତ ବିଦ୍ୟା ଶିଖାଇ ତାହାନ୍ତ ଆବୋରିଲି । ୧୫
ପଣ୍ଡୁର ପୁଅଙ୍କୁ ସେ କଲା ବଡ ଭ୍ରାନ୍ତି
ୟେକା ଦ୍ରିଯୋଧନ ତାହାର ଜିଣିବ ସବୁନ୍ତି । ୧୬
ୟେ ପାଞ୍ଚ ପୁତ୍ରନ୍ତ ମାରି ପଞ୍ଚୁ କଟକେ ହୋଇବ ରାଜା
ୟେମନ୍ତ କରି ସଞ୍ଚିଲି ମୁଂ ଗାନ୍ଧାରୀ ତନୁଜା । ୧୭
ବଳରାମଙ୍କ ମୁଖୁଂ ୟେସନେକ ବାକ୍ୟ ଶୁଣି
ହୃଦଗତେ ବିଚାରନ୍ତି ଦେବ ଚକ୍ରପାଣି । ୧୮
ଗରୁଡ ପିଠିରେ ବିଜେ କଲେ ଦେବ ହରି
ବିଜୟେ ନାରାୟଣ ଇନ୍ଦ୍ର ପ୍ରଶସ୍ତ ନଗରୀ । ୧୯
ଇନ୍ଦ୍ର ପ୍ରଶସ୍ତ ନାମେଣ ୟେକଇ ପର୍ବତ ଗୋଟିୟେ
ରାତ୍ରିକାଳେ ନାରାୟଣ ତହିଂକି କଲେକ ବିଜୟେ । ୨୦
ଅର୍ଜୁନଙ୍କୁ ସୁମରଣା କରନ୍ତି ଦେବ ଧ୍ୟାନେ
ବାସବି ପ୍ରବେଶ ହୋଇଲା ବାସୁଦେବଙ୍କ ସନ୍ନିଧାନେ । ୨୧
ଦେଖିଲା ନାରାୟଣ ଗରୁଡ ପିଠିରେ ବିଜେ

ଶତ ସହସ୍ର ଦଣ୍ଡ ପ୍ରଳମ୍ବିତ ଇନ୍ଦ୍ରର ଆତ୍ମଜେ । ୨୨
ଅର୍ଜୁନଙ୍କୁ କୋଳ କରିଣ ଦେବ ଯେ ମୁରାରି
ପଚାରନ୍ତି କୁଶଳ ବାରତା ଦେବ ଦଇତାରି । ୨୩
----------
୧୪।୨ ଦ୍ରିଯୋଦନଙ୍କୁ ଆବୋରି କହିଲେ ହଳପତି ।
ଏହି ପଦ ସ୍ଥାନରେ ଭିନ୍ନ ଭିନ୍ନ ପାଠ-
ଅପାର ବଚନ କହିଲେ ହଳପତି ।
ଦ୍ରିଯୋଧନର ଗାରିମା କହିଲେ ହଳପତି ।

କେବଣ ଚରିତ ହୋଇଲା ଝିମାଣି ଖେଡ ବାଗେ
କୁରୁ ବୀରେ ପଡିଲେ ପୁଣି ଭୀମସେନ ରାଗେ । ୨୪
ଅର୍ଜୁନ ବୋଇଲା ସ୍ୱାମୀ ପ୍ରଥମେ ଧୁଶାସନ ଗୋଡାଇଲା
ଅସାଷ୍ଟମ କରି ଦେବ ଯୁଝେଷ୍ଠିଙ୍କି ମାଇଲା । ୨୫
ସେ ରାଗ ସହି ନ ପାରିଲେ ଯେ ମାରୁତି
ୟେକା ନିଶ୍ୱାସକେ ସେ ମାଇଲେ ସବୁନ୍ତି । ୨୬
ଅଭିମାନେ ଧୃତରାଷ୍ଟ ବଳରାମଙ୍କୁ ସୁମରି
ହସ୍ତିନାୟେ ପ୍ରବେଶ ଆସି ହୋଇଲେ ହଳଧାରୀ । ୨୭
ଅନେକ ପ୍ରତଗ୍ୟାଂ ଯେ କଲେକ ନୀଳାମ୍ବର
ମସ୍ତକେ ହସ୍ତ ଦେଇ ବୋଇଲେ ୟେ ପୁତ୍ରେ ଆଜି ହୁଂ ଆମ୍ଭର । ୨୮
ଶ୍ରୀହରି ବୋଇଲେ ବଳରାମଙ୍କୁ ମୂଳ କରି ଧୃତରାଷ୍ଟ ଭିଆଇଛି ମନ୍ଦ
ଅବଶ୍ୟ ତୁମ୍ଭର ତୁଲେ ହୋଇବଟି ବଡ ଦ୍ୱନ୍ଦ । ୨୯
ଆଜହୁଂ ବିଶ୍ୱାସ ତୁମ୍ଭେ ନ ଯିବଟି ଧୃତରାଷ୍ଟଙ୍କୁ
କର୍ଣ୍ଣ ଅଶସ୍ତମା ଶଲ୍ୟ ଦ୍ରିଯୋଧନଙ୍କୁ । ୩୦
ଅର୍ଜୁନ ବୋଇଲେ ସ୍ୱାମୀ ତୋହୋର ଆମ୍ଭଙ୍କୁ ଯେବେ ୟେତେ ଚିନ୍ତା
ଲକ୍ଷେ ବଳରାମ ହୋଇଲେ ଆମ୍ଭଙ୍କୁ ନାହିଂ ନା ଜିଣନ୍ତା । ୩୧
ଅର୍ଜୁନର ପ୍ରତଗ୍ୟାଂ ଦେଖିଣ ସାନନ୍ଦ ମଧୁରିପୁ
ପ୍ରତଗ୍ୟାଂ ସାର୍ଥୁକ ତୁମ୍ଭର ବୁଝିଲୁଂ ବଳବପୁ । ୩୨
ଆହୋ ଭୋଜନେ ଶୟେନେ ତୁମ୍ଭେ ନ ଯିବଟି ବିଶ୍ୱାସ
ଶତ୍ରୁର ଛିଦ୍ର ବୁଦ୍ଧିରେ ହୋଅଇ ଅନେକ କାର୍ଯ୍ୟ ନାଶ । ୩୩
ଯୁଝେଷ୍ଠି ଭୀମ ନକୁଳ ସହଦେବଙ୍କୁ ତିଆରି
ବୁଦ୍ଧି ଉପାୟେ କରି ୟେହାଙ୍କ ସଙ୍ଗ ଯାଅ ଅପସରି । ୩୪
କହିଣ ନାରାୟଣ ଗଲେକ ଅନ୍ତରୀକ୍ଷେ
ଯୁଝେଷ୍ଠିଙ୍କି ଅର୍ଜୁନ ଯେ କହିଲେ ପ୍ରତକ୍ଷେ । ୩୫
ଯୁଝେଷ୍ଠି ବୋଇଲେ ସେ ଜଗତ ମୋହନ
ସମସ୍ତ ବିଚାର ସେ ଜାଣନ୍ତି ପାପ ପୁଣ୍ୟ । ୩୬
ଆମ୍ଭେ ତ ହୋଇଥାଉଂ ଧୃତରାଷ୍ଟଙ୍କୁ ଭଗତେ
ସେ ଆମ୍ଭନ୍ତ ଆନ ଭାବ ଧରିବେ କେମନ୍ତେ । ୩୭

ହୃଦରେ କଳଙ୍କ ଥାଇଟି ଯେବଣ ପ୍ରାଣୀ
ତାହାର ପାପଟି ତାହାକୁ ହୋଅଇ ହାନି । ୩୮
ଧର୍ମକୁ ଆଶ୍ରେ କରି ବାବୁ ଥାଅ ହୃଦଗତେ
ଧର୍ମଥିଲେ ପାପଟି ନ ଲାଗଇ ଯୁଗତେ । ୩୯
ଅଜାତ ଶତ୍ରୁ ହୋ ଯାହାର କୋପ ନାହିଂ
ଅର୍ଜୁନଙ୍କୁ ଶାନ୍ତି କରାଇଲେ ପରମାର୍ଥ କଥା କହି । ୪୦
ପୁଅନ୍ତ ବସାଇଣ ଯେ ଭାଳଇ ଧୃତରାଷ୍ଟ

ଭୀମକୁ ବ୍ରାନ୍ତି ମୋର ହୃଦରେ ଗରୁ କଷ୍ଟ । ୪୧
ସଞ୍ଜୟ ବୋଇଲେ ଯେବେ ଅନ୍ତର ଧଇଲୁ ଚିତ୍ତେ
ପଣ୍ଡୁର ପୁତ୍ରନ୍ତ ତୁ ଆଉ ସମ୍ଭାଳିବୁ କେମନ୍ତେ । ୪୨
ହୃଦରେ ବିକୃତ ହୋଇଲା ଯେବଣ ପ୍ରାଣୀଙ୍କି
ତାହାନ୍ତ ଘେନିଣ ଆଉ ତୁ ବିଶ୍ୱାସ କରିଥାଉ ନିକି । ୪୩
ସଞ୍ଜୟ ବଚନେ ସେ ରାଜା କୁରୁପତି
ବିଦୁରକୁ ଯେକାନେତେ ରାଇଲା ନିଶାରାତି । ୪୪
ବାବୁ ପରମ ପଣ୍ଡିତ ତୁ ଅଟୁ ମହାଗ୍ୟାଂତା
କେମନ୍ତେ ବିଚାର କରୁ ଭୀମସେନର କଥା । ୪୫
ବିଦୁର ବୋଇଲେ ସ୍ୱାମୀ ଅଗ୍ୟାନ ବାଳକାଳେ
ପ୍ରୀତି ଅପ୍ରୀତି ହୋଉଥାନ୍ତି ସେ ଖେଡର କୁତୂହୋଳେ । ୪୬
ତହିଂକି କି–ାଇ ସ୍ୱାମୀ କରୁ ମନେ ତାପ
ତୋ ତହୁଂ ବିତ୍ରକେ ଆନେ କେ ଅଛି ତାହାଙ୍କର ବାପ । ୪୭
ଧୃତରାଷ୍ଟ ବୋଇଲେ ଭୀମାର ଜୀଇଂ ଥିଲେ
ମୋହୋର ପୁଅଙ୍କୁ ଭଲ ନାହିଂ ମୋର ପ୍ରୀତି ବଢାଇଲେ । ୪୮
ବିଦୁର ବୋଇଲେ ଯେବେ ଚିତ୍ତରେ ଧଇଲୁ ଅନ୍ତର
ସଙ୍ଗରୁ ଛଡାଇ ସେ ପାଞ୍ଚଙ୍କୁ ଦୂର କର । ୪୯
ବିଦୁର ବଚନେ ସେ ବୋଲନ୍ତି ଧୃତରାଷ୍ଟଇ
ଯେହା ଯେ କହିଲୁ ବାବୁ ସରୂପ ଅଟଇ । ୫୦

-----------

୩୮ ।୨  ତାହାର ପାଟ ଖଡଗେ ତାହାକଇ ହାଣି ।
୪୮ ।୨  ପୁତ୍ରଙ୍କୁ ମୋର କୁଶଳ ନାହିଂ ଧୃତରାଷ୍ଟ ବୋଇଲେ ।

ହସ୍ତିନା ରାଜ୍ୟ ଅନ୍ତରେ ଇନ୍ଦ୍ର ପ୍ରଶସ୍ତ ପୁରେ
ତହିଂ ଭୁବନେକ ଭିଆଇଲେ କୁରୁବୀରେ । ୫୧
ଆଖଡାରେ ଭୀମସେନ ପଶଇ ନିତି ପ୍ରତି
ଗଦା ବୁଲାଇ କରଇ ବିକ୍ରମ ମୂରତି । ୫୨
କରବୀର ବୋଲି ଯୋକଇ ପରବତେ
ଯୋଜନେକ ଆୟତନ ଉଚ୍ଚର୍ଗ ନଳ ଶତେ । ୫୩
ଗଦା ବୁଲାଇଣ ସେ ସଂହରି ନୁଆରିଲା
ପର୍ବତ ଉପରେ ନେଇ ବୁଲାଇ ପ୍ରହାରିଲା । ୫୪
ଲୋହାର ବେନି ଗଦା ବାଉନ ବାଉନ ଭାର
ଭୀମସେନ ଗଦା ଘାତେ ସେ ପର୍ବତ ହୋଇଲା ଚୂର । ୫୫
ଦେଖିଣ ତ୍ରାସିଲେ ଯେ କୁରୁବୀରମାନେ
ଭୀଷ୍ମେ କହିଲେ ଯାଇ ଧୃତରାଷ୍ଟଙ୍କ ସନ୍ନିଧାନେ । ୫୬
ଆହୋ କୁରୁବଇ ତୁ ସାବଧାନେ ଶୁଣ
ଭୀମର ମହିମା ଆମ୍ଭେ ଦେଖିଲୁ ଯେହିକ୍ଷଣ । ୫୭
କରବୀର ପର୍ବତକୁ ଜାଣନା କି ଭଲେ
ସେ ପର୍ବତ ଚୂର ହୋଇଲା ଭୀମସେନ ଗଦା ପ୍ରହାରେ । ୫୮
ବାଳୁତ ବୟସେ ତାର ଯେତେକ ମହିମା
ଜଗତ ଦର୍ପ ମର୍ଦ୍ଦିବ ସେ ପବନ ନନ୍ଦନ ଭୀମା । ୫୯
ପୁଅନ୍ତ ତିଆରିଣ ତୋହୋର ଥାଅସି ପ୍ରତିପାଳି
ଭୀମ ତୁଲେ କେହି ନୋହିବେ ବାରୁଆଳି । ୬୦

----------

୫୨ ।୨  ଗଦା ବୁଲାଇ କରଇ ବ୍ରିକୋଦର ମୂର୍ତ୍ତି ।

୫୯ ।୨  ଯମଦର୍ପ ଧଂସନ ସେ ପବନ ନନ୍ଦନ ଭୀମା ।
୫୯ ।୨  ମଦମତ୍ତ ସିଂହ ପ୍ରାୟେ ଦିଶଇ ସେ ଭୀମା ।
୬୦ ।୨  ଭୀମ ତୁଲେ କେହି ନୋହିବେଟି ଖେଳୁଆଳି
ଭୀମ ତୁଲେ କେହି ନ କରିବେ ଦ୍ୱନ୍ଦ କଳି ।
୫୫ ।୧  ନୋହର, ଲୋହାର ଦୁଇ ପାଠ ଅଛି ।
୬୦ ।୨  ବାରୁଆଳି-କଳହ

ଯାହାକୁ କରିବ ସେ ପ୍ରହାର ପରିହାସେ
କେହି ନ ବର୍ତ୍ତିବଟି ଭୀମାର କୋପ ତ୍ରାସେ । ୬୧
ଭୀଷ୍ମଙ୍କର ବଚନେ ଧୃତରାଷ୍ଟ୍ରଙ୍କୁ ଲାଗିଲା ମହାଚିନ୍ତା
କେବଣ କ୍ଷଣେ ତାକୁ ଜାତକଲା ଦେବୀ ଯେ କୋଇନ୍ତା । ୬୨
ୟେମନତ୍ ସମୟେ ଯେ ପଣ୍ଡୁର ତନୟେ
ଧୃତରାଷ୍ଟ ଚରଣେ ଯେ ପ୍ରଣପତ୍ୟ ହୋୟେ । ୬୩
ସଞ୍ଜୟେ ବୋଇଲେ ସ୍ୱାମୀ ଶୁଣିମା କୁରୁପତି
ଯୁଝେଷ୍ଠି ଭୀମ ଅର୍ଜୁନ ଆସି ପ୍ରଣପତ୍ୟ ହୁଅନ୍ତି । ୬୪
କଲ୍ୟାଣ ବାଞ୍ଛା କଲେ ସେ କୁରୁବୀର ନରସାଇଂ
ଆଗ୍ୟାଂ ଦିଲେ ପୁଅନ୍ତ କତିରେ ବସାଇ । ୬୫
ବାବୁ ଇନ୍ଦ୍ର ପ୍ରଶସ୍ତେ ତୁମ୍ଭେ ରହିଥାଅ ପାଞ୍ଚ ଭାଇ
ଭୀମର ବଚନ ଦ୍ରିଯୋଧନ କ୍ଷଣେହେଂ ନ ସହଇ । ୬୬
ଅନୁବ୍ରତେ ବରବେଶ ହୋଉଥାଇ ମାନଗୋବିନ୍ଦାୟି ପଣେ
ଉତକର୍ମ ବଢାଇ ସେ ହୋଇଲା ଆପଣେ ଆପଣେ । ୬୭
କିଞ୍ଚିତ ମାନ ସେ ନ ସହଇ ମାନଗୋବିନ୍ଦ
ବିନା ତପେ ଅରଜିଲା ୟେସନେକ ସ- ଦ । ୬୮
ତୋର ଭାଇ ଭୀମା ଅଟଇ ବଡ ମନ୍ଦ
ୟେକାଠାରେ ଥିଲେ ବାବୁ ଉପୁଜିବ ବଡ ଦ୍ୱନ୍ଦ । ୬୯
ଯୁଝେଷ୍ଠି ବୋଇଲେ ତାତ ୟେକଥା ଯୁଗତ
ତୋହୋର ଆଗ୍ୟାଂ ପ୍ରମାଣେ ଆମ୍ଭେ ରହିବୁଂ ଇନ୍ଦ୍ର ଯେ ପ୍ରଶସ୍ତ । ୭୦
ୟେମନ୍ତ ସମୟେ ଭୀମସେନ ଆଖଡାରେ ପଶି
ବେନି ଗଦା ବୁଲାଇଲା ପୃଥୀକି ଆକ୍ରେଷି । ୭୧
ଦେଖିଣ ଭୟେ କଲା ଦେବୀ ଯେ ବସୁଧା
ବିନୟ ଭାବେ କହଇ ଭୀମାକୁ ବଚନ ପ୍ରସିଦ୍ଧା । ୭୨
ୟେତେ ଆକ୍ରଷଣେ ଗଦା ପିଟନ୍ତେ ମୋହୋର ଉପରେ
ରାସାଂଗତ ହୋଇବି ନା ଗଦା ପିଟନ୍ତେ ମହାଭାରେ । ୭୩
ଗଦା ସଂଘରିଲା ସେ ବୀର ପୃଥୀର ବିକଳେ
ପୁଣ ହିଂ ଗଦା ବୁଲାଇଣ ଧାମଇ କୁତୂହୋଳେ । ୭୪

ବନ ପର୍ବତ ଡିଙ୍ଗର କନ୍ଦର କ-ିଲେ ତାହାର ମୂର୍ତ୍ତି ଦେଖି
ଶୂନ୍ୟ ପୁରୁଷେ ପଳାଇଲେ ଆସନ ଉପେକ୍ଷି । ୭୫
ଗଦାବର ବୁଲାଇ ସେ ବିକ୍ରମ ରୂପ କଲା
ଆକ୍ରଷଣ କରି ସେ ଆକାଶକୁ ଚାହିଂଲା । ୭୬
ଅଧର ପୁଷ୍ଟ କରି ଓଷ୍ଠରେ ଦନ୍ତ ଚାପି
ଯମ ଦେବତା ଭୟେ କଲା ତ୍ରାସିଲା ଅଦ୍ୟାପି । ୭୭
ବୋଲଇ ମାରୁତି ୟେ ଗଦା ବର ମହାଭାରା
ପୃଥିବୀ ପର୍ବତେ ସହି ନୁଆରିଲେ ଦେବ ଯେ ଅସୁରା । ୭୮
ଧୃତରାଷ୍ଟ୍ରର ଶୟେ ପୋୟେ ସହି ପାରିବେ କି ମୋହୋର ଗଦା

ତାହାଙ୍କର ଉପରକୁ ମୁଂହି ଯେ ବହିଛି ଗଦା ସର୍ବଦା । ୭୯
ଭୀମସେନ ଗଦା ମୁଷ୍ଟି ଦେଖିଣ କୁରୁବୀରେ
ଡିଆଂ ଘୁଞ୍ଚାଇଂ ଲଟି ପାଡିଲେ ଆଖଡାରେ । ୮୦
ପ୍ରଥମେ ଦ୍ରିଯୋଧନ ଡିଆଇଂ ପଞ୍ଚାଶ ଗଜ ହାଥ
ଯୁଝେଷ୍ଠି ଡିଆନ୍ତି କୋଡିୟେ ପ୍ରସ୍ତ । ୮୧
ଧୁଶାସନ ଡେଇଂଲା ପଞ୍ଚଷଠୀ ଗଜ
ବତିଶ ଗଜ ଡେଇଂଲେ ଅଶ୍ୱିନୀଙ୍କ ଆତ୍ମଜ । ୮୨
କର୍ଣ୍ଣ ଡେଇଂଲା ନଉ ଗଜ ହାଥ
ଅଶସ୍ତମା ଡେଇଂଲା ପଞ୍ଚାଅଶୀ ଗଜ ହାଥ । ୮୩
ଶଲ୍ୟେ ଡେଇଂଲେ ପଞ୍ଚାବନ ହାଥ କାଠି
ସହଦେବ ଡେଇଂଲେ ପଞ୍ଚ ତିରିଶ ଗଜଟି । ୮୪
ଦ୍ରିଯୋଧନ ଶତେ ଭାଇ ୟେହିମତି ଡେଇଂଲେ
ପଞ୍ଚାବନ ଗଜ ଯେ ଦ୍ରୋଣେ ଡେଇଂ ଗଲେ । ୮୫
ଅର୍ଜୁନେ ଡେଇଂଲେ ଶୟେ ଗଜ କାଠି
ଦେଖି ଚମତ୍କାର ଯେ ହୋଇଲେ ଧୃତରାଷ୍ଟି । ୮୬
ବୋଇଲା ଗୁରୁଙ୍କଠାରୁ ବଡ ହୋଇଲା ଅର୍ଜୁନ
ଜାଣିଲେ ହୃଦେ ବହୁତ ବଳ ବପୁମାନ । ୮୭

---------------

୭୬ ଗଦାବର ଘେନି ବୀର ଆକ୍ରେଷଣ କଲା
ନୟନ ତରାଟି ସେ ଆକାଶକୁ ଚାହିଂଲା ।

ୟେମନ୍ତେ ଭୀମସେନ ଡେଇଂଣ ଯେ ଗଲା
ଶୟେ ପଞ୍ଚସ୍ତରୀ ଗଜରେ ଉଭା ସେ ହୋଇଲା । ୮୮
ୟେମନ୍ତେ ବାରତା କହିଲେ ଦେବ ଶଲ୍ୟେ
କରୁନାଥ ବୋଲଇ ଭୀମା ଅଟଇ ମହାବଳେ । ୮୯
ଆହୋ ଗଦା ବୁଲାଇ ଭୀମା ମହାମୂର୍ତ୍ତି କଲା
ଗାନ୍ଧାରୀ ଶତେ ପୁତ୍ରଙ୍କୁ ଗଦା ଆକ୍ରେଷ ବୋଇଲା । ୯୦
ତ୍ରଇଲୋକ୍ୟେ ୟେ ଗଦା ତ ଆନ ଲୋକେ ନ ପାରିବେ ସହି
ତାହାଙ୍କର ଉପରକୁ ଗଦା ଭାର ଅଛି ବହି । ୯୧
ଧୃତରାଷ୍ଟି ବୋଇଲେ ବାବୁ ଶୁଣିଲୁ ଟିକି ଯୁଝେଷ୍ଠି
ଅନୁବ୍ରତେ ଭୀମାର ପ୍ରକୃତି ଅଟଇ ବଡ ଦୁଷ୍ଟି । ୯୨
ସେହୁ ପ୍ରତଗ୍ୟାଂ ବେଳକୁ ପୋୟେ ମୋର ଯେବେ ଥାନ୍ତେ
ଶତେ ଭାଇ ହୋଇଣ ଭୀମାକୁ ବେଢିଣ ଅବଶ୍ୟ ମାରନ୍ତେ । ୯୩
କୋଇନ୍ତାୟେ ବୋଇଲେ ମୋତେ ଭୀଷ୍ମେ ନାଶ କଲେ
ଶତଶିଂଗ ପର୍ବତୁଂ ମୋତେ ଅନମିତେ ଆଣିଲେ । ୯୪
ପୁଅନ୍ତ ଘେନିଣ ତହିଂ ଅଇଲେ ଅଭିମାନେ
ରହିଲେ କୋଇନ୍ତାୟେ ଇନ୍ଦ୍ର ପ୍ରଶସ୍ତ ସ୍ଥାନେ । ୯୫
ପୁଅନ୍ତ ଘେନିଣ ଦେବୀ କୋନ୍ତଭୋଜର କୁମାରୀ
ଭୀମକଇଂ ରାଇ ସନ୍ନିଧ୍ୟେ ତିଆରି । ୯୬
ୟେତେ ଦୁଷ୍ଟ ବୁଦ୍ଧି କି ଆଚରଣ କଲୁ ବାବୁ
ତୋହୋରେଣ କାର୍ଯ୍ୟ ନାଶ ଯାଉଅଛିଟି ସବୁ । ୯୭
ଅନେକ ଦୟା ଆମ୍ଭଙ୍କୁ କରିଥିଲେ କୁରୁପତି
ୟେକା ତୋହୋର ପ୍ରମାଦେ ବାବୁ ଉପୁଜିଲା ବିକୃତି । ୯୮
ଭୀମସେନ ଶୁଣଇ କୋଇନ୍ତାଙ୍କ ବାଣୀ
ହୃଦରେ ନ ଧରଇ ତାହା ବଧୀର ମତ ଜାଣି । ୯୯

ରଜନୀ ପ୍ରଭାତେ ସ୍ନାହାନ ସାରିଣ ନିତ୍ୟ କର୍ମ
ଧୃତରାଷ୍ଟଙ୍କୁ ଦର୍ଶନ କରିଯାନ୍ତି ଦେବ ଧର୍ମ । ୧୦୦
----------
୯୯ ।୧  ଭୀମସେନ ନ ଶୁଣଇ କୋଇନ୍ତାଙ୍କ ବାଣୀ ।

ମାତା ଗାନ୍ଧାରୀ କି କରନ୍ତି ନମସ୍କାର
ଧୃତରାଷ୍ଟ ବୋଇଲେ ବାବୁ ବସ ଯା ସଭାର । ୧୦୧
ସଭାରେ ପ୍ରବେଶ ହ୍ଵନ୍ତି ପାଞ୍ଚ ଭାଇ
ଆସ୍ତାନେ ଦ୍ରିଯୋଧନ ବିଜୟେ ଗୁଣଗ୍ରାହୀ । ୧୦୨
ଶତେକ ଭ୍ରାଥ ଘେନିଣ ବିଜୟେ କରୁବୀର
ଭୀଷ୍ମ ଭୂରିସର୍ବା ଶଲ୍ୟ କୃପ କର୍ଣ୍ଣ ବିଦୁର । ୧୦୩
ଅଶସ୍ତମା ଆଦି କରି ସମସ୍ତେହହେଂ ଛନ୍ତି ବସି
ଯୁଝେଷ୍ଠି ପାଞ୍ଚ ଭାଇ ସଭାରେ ଉଭା ହୋଇଛନ୍ତି ଆସି । ୧୦୪
ଭୀଷ୍ମ ଭୂରିସର୍ବା ଶଲ୍ୟଙ୍କୁ କଲେ ନମସ୍କାର
କାଖେ ହାଥ ଲାଇ ଉଭା ହୋଇଲେ ମଧ୍ୟ ସଭାର । ୧୦୫
ଦ୍ରିଯୋଧନ ବୋଇଲା ଯୁଝେଷ୍ଠିଙ୍କି ଧର୍ମପୁତ୍ର ବସ
ଭୀମସେନକୁ ବୋଇଲା ବସରେ ପବନର ଶିଷି । ୧୦୬
ଅର୍ଜୁନକୁ ବୋଇଲା ବସରେ ବାସବି
ନକୁଳକୁ ବୋଇଲା ବସରେ ଅଶ୍ଵିନୀ ସମ୍ଭବି । ୧୦୭
ସହଦେବକୁ ବୋଇଲା କୁମାର ପୁତ୍ର ବସ
ହୃଦେ କିନ୍ତୁ କରି ବୋଇଲା ଝିଂଘାସ । ୧୦୮
ଆଗ୍ୟାଂ ପ୍ରମାଣେ ବସନ୍ତି ପଞ୍ଚୁ ବୀରେ
ଆସ୍ତାନ ମଉଳିଲା ପହଡକ ଉତ୍ତାରେ । ୧୦୯
ଚଳନ୍ତି ପଞ୍ଚୁ ଭାଇ ଇନ୍ଦ୍ର ପ୍ରଶସ୍ତ ଭୁବନକୁ
ଭୀମସେନ ଯାଇ ପଚାରଇ କୋଇନ୍ତାଙ୍କୁ । ୧୧୦
ମାଗୋ ଦ୍ରିଯୋଧନ ସଭାୟେ କହଇ ଅନୀତି
ପାଞ୍ଚଙ୍କର ପିତା କହଇ ଆନ ଆନ ପ୍ରତି । ୧୧୧
----------
୧୦୮ ।୧ପଣ୍ଡୁର ପୁତ୍ର ବସ ମାଦ୍ରିର ପୁତ୍ର ବସ ।
୧୧୧ ।୨ପାଞ୍ଚ କରି ପିତାଙ୍କର ନାମ ଭିନ୍ନ ଭିନ୍ନ ପ୍ରତି ।

କୋଇନ୍ତା ପ୍ରତିବାଚ ବାବୁ ନ ଜାଣୁ ରେ ଭୀମ
ପିତାର ନାମ ଉଦିତ ହୋଇଲେ ପୁତ୍ରକୁ ଅନେକ ଧର୍ମ । ୧୧୨
ଗ୍ୟାନ ପ୍ରାୟେ କହିଲେ କୋନ୍ତଭୋଜର ନନ୍ଦିନୀ
ମାତାଙ୍କର ବଚନେ ଭୀମସେନ ହୋଇଲେକ ତୂନି । ୧୧୩
ପୁଣି ହିଂ ହସ୍ତିନାକୁ କରନ୍ତି ଗବନ
ଧୃତରାଷ୍ଟ ଗାନ୍ଧାରୀଙ୍କି କରନ୍ତି ଦରଶନ । ୧୧୪
ଶୁଭ କଲ୍ୟାଣ ବାଞ୍ଛନ୍ତି ଧୃତରାଷ୍ଟ ପୁତ୍ରେ ଅବଧାରି
ସଭାୟେ ବସ ବୋଲି ବୋଲନ୍ତି ଦୟାଭାବ କରି । ୧୧୫
ପିତାର ଆଗ୍ୟାଂ ଯେ ପୁତ୍ରେ ଅଟଇ ଅଲଙ୍ଘିଂତ
ସଭାରେ ପ୍ରବେଶ ଯାଇ ହୋଇଲେ ପଞ୍ଚୁ ଭ୍ରାଥ । ୧୧୬
ଭୀଷ୍ମ ଭୂରିସର୍ବା ଶଲ୍ୟଙ୍କୁ ନମସ୍କାର ହୋଇ
ଆସ୍ତାନେ ଉଭା ହୋଇଲେ ଦେବ କରଯ୍ଥଳେ ବିନୋୟି । ୧୧୭
ଆହୋ ଧର୍ମସୁତ ବସ ବୋଲି ବୋଇଲା ଦ୍ରିଯୋଧନ
ପବନର ନନ୍ଦନ ବସ ହୋ ଭୀମସେନ । ୧୧୮

ଅର୍ଜୁନକୁ ବୋଇଲା ରେ ବାସବର ପୁତ୍ର ବସ
ନକୁଳ ସହଦେବକୁ ବୋଇଲା ବସ ହୋ ଅଶ୍ୱିନୀକୁମାରଙ୍କ ଶିଷ । ୧୧୯
ଦ୍ରିଯୋଧନ ଆଗ୍ୟାଂରେ ବସନ୍ତି ପଞ୍ଚୁ ବୀରେ
ଅଭିମାନ ପାଇ ସେ ବସନ୍ତି ସଭାରେ । ୧୨୦
ବେଳ ପ୍ରହରକ ଉତ୍ତାରେ ମଉଳିଲା ଆସ୍ତାନ
ଦ୍ରିଯୋଧନ ପ୍ରବେଶ ହୋଅଇ ଆପଣା ଭୁବନ । ୧୨୧
ଯୁଝେଷ୍ଠି ଚଳନ୍ତି ଇନ୍ଦ୍ର ପ୍ରଶସ୍ତକୁ
ସ୍ରାହାନ ଭୋଜନ କରନ୍ତି, ନିତ୍ୟକର୍ମ ମାନଙ୍କୁ । ୧୨୨
ୟେହି ମତି ନିତି ପ୍ରତି ହୋଅନ୍ତି ଆତ ଯାତ
ପ୍ରତିଦିନ ଦ୍ରିଯୋଧନ ବୋଲଇ ୟେହିମତ । ୧୨୩
------------
୧୧୨ ।୨ପଞ୍ଚ ପିତାଙ୍କର ନାମ ଧରି ଡାକିଲେ ଉଦିତ ହୋୟେ ଧର୍ମ ।
୧୨୧ ।୧ପ୍ରହରକ ମଧ୍ୟରେ ମଉଳିଲା ଆସ୍ତାନ ।
୧୨୨ ।୨ସ୍ନାହାନ ନିତ୍ୟକର୍ମ ସାରି ଚଳନ୍ତି ଭୋଜନକୁ ।

ଯୁଝେଷ୍ଠି ଅଜାତ ଶତ୍ରୁ ତାହାଙ୍କର ନାହିଂ କୋପ
ମହାରାଗେ ଭୀମସେନ ପାଇଲା ପରିତାପ । ୧୨୪
କୋଇନ୍ତାଙ୍କର ଚରଣ ତଳେ ବ୍ରିକୋଦର ପଡି କହେ
କୂଟ ବଚନ ସହି ନୁଆରଇ ଗୋ ମାୟେ । ୧୨୫
କୋଇନ୍ତାୟେ ବୋଇଲେ ତୁ ଅଟୁ ବଡ ମନ୍ଦ
ଅନୁବ୍ରତେ ଚିନ୍ତା କି-। କରୁଥାଉ ଦ୍ୱନ୍ଦ । ୧୨୬
ପିତାର ପୁଣ୍ୟେ ସିନା ବ୍ରତଇ ନା ବାଳ
ପିତାର ବଚନେ ପୁତ୍ରକୁ ଆଷ୍ୟ ଚିରକାଳ । ୧୨୭
କୋଇନ୍ତାଙ୍କର ମୁଖ ଚାହିଂ ରାଗେଣ ବୋଲଇ ଭୀମ
ପାଞ୍ଚ ଭାଇଙ୍କର ଧରଇ ପାଞ୍ଚ ପିତାଙ୍କର ନାମ । ୧୨୮
କୋଇନ୍ତାୟେ ବୋଇଲେ ତୁ ନ ଜାଣୁ ରେ ମନ୍ଦ ବାଇ
ପଞ୍ଚୁ ଦେବତାଙ୍କର ୟେକ ଆତ୍ମା ଅଟନ୍ତି ସେହି । ୧୨୯
ଭୀମସେନ ବୋଇଲା ଆମ୍ଭନ୍ତ ଜନ୍ମ କଲୁ କେମନ୍ତେ
ପଣ୍ଡୁର ନାମ ନ ପଡଇ ସଭାର ଅଗ୍ରତେ । ୧୩୦
କୋଇନ୍ତାୟେ ବୋଇଲେ ପଣ୍ଡୁ ଅଟନ୍ତି ମନୁଷ୍ୟ
ଦେବ କଳା ହିଂ ସେସବୁ ଶରୀରେ ପ୍ରବେଶ । ୧୩୧
ବାବୁ ଭଲ କଥା ସେ କହଇ ଦ୍ରିଯୋଧନ
ତହିଂକି ବିକୃତି ବାବୁ ନ ଧରିବୁ ଭୀମସେନ । ୧୩୨
ସମାର୍ଜନ କରି କୋଇନ୍ତାୟେ କଲେ ଶାନ୍ତି
ହସ୍ତିନା ଭୁବନକୁ ପୁଣି ଯାଆନ୍ତି ନିତି ପ୍ରତି । ୧୩୩
ଧୃତରାଷ୍ଟ ଗାନ୍ଧାରୀଙ୍କି ପୁଣ ନମସ୍କାର କରି
ଆସ୍ତାନେ ବସ ବୋଲି ଆଗ୍ୟାଂ ଅବଧାରୀ । ୧୩୪
ପ୍ରବେଶ ଯୁଝେଷ୍ଠି ଯେ ହୋଇଲେ ଆସ୍ତାନେ
ପାଞ୍ଚକଇ ପଞ୍ଚୁ ପିତା ନାମ ଧରଇ ଦ୍ରିଯୋଧନେ । ୧୩୫
ଯୁଝେଷ୍ଠି ଅର୍ଜୁନ ଯେ ନକୁଳ ସହଦେବ
ୟେହାଙ୍କର ମନେ କାହିଂ ବିକୃତ ସଭାବ । ୧୩୬
----------
୧୨୫ ।୧କୋଇନ୍ତାଙ୍କ ଛାମୁରେ ଭୀମସେନ ପଡି ପାୟେ ।
୧୩୧ ।୨ଦେବ ନାରାୟଣ ସବୁଙ୍କରି ହୃଦରେ ପ୍ରକାଶ ।
୧୩୨ ।୨ତହିଂକି ତୁ କି-। ବାବୁ ଭୀମସେନ ।

ଭୀମସେନ ବିସରି ପାଇଲା ବଡ ଲଜ୍ୟା
ବିଚାରଇ ଯେ କଥା ନ ସହିବା ଶରୀର କରିବାକୁ ତେଜ୍ୟା । ୧୩୭
ଭାଦ୍ରବ ଶୁକଳ ଷଷ୍ଠୀ ସଉରି ଯେ ବାର
ସ୍ୱାତୀ ନକ୍ଷତ୍ର ଯେ ଭୋଗ ସେ ଦିନର । ୧୩୮
ବିଷ୍ଟି ନାମେ କରଣ ଯେ ବିଷ୍କୁମ୍ଭ ନାମେ ଯୋଗ
ସିଂଘ ସଂକ୍ରାନ୍ତିର ଯେ ଦଶ ଦିନ ଭୋଗ । ୧୩୯
ସେ ଦିନ ହସ୍ତିନା ସଭାୟେ ହୋଇଲା ସେହୁ କଥା
ଉପହାସ୍ୟ କଲେ କୁରୁବୀରେ ୟେହା ସେ କଲା କୋଇନ୍ତା । ୧୪୦
ମାତାର ଅନାଚାରେ ପୁତ୍ରଙ୍କୁ କଳଙ୍କ ରହିଲା
ୟେତେ ବଡ ସଭାରେ ଅନେକ ଉପହାସ୍ୟ ଉପୁଜିଲା । ୧୪୧
ବଂଶେଣ ପୁତ୍ର ଯେବେ ନୋହିବାକ ଜାତ
ଅନାଚାରୀ ନୋହୁ ନା ସେ ଗର୍ଭଧାରୀ ମାତ । ୧୪୨
ତହୁଂଣ ଯୁଝେଷ୍ଟି ଅଇଲେ ଲଜ୍ଜା ପାଇ
ଇନ୍ଦ୍ର ପ୍ରଶସ୍ତ ଭୁବନେ ପ୍ରବେଶ ହୋଇଲେକ ଯାଇ । ୧୪୩
ଭୀମସେନ ଉତ୍ତର ସମସ୍ୟା କାହାକୁ ହିଂ ନ ଦିଲା
ନିଜ ମନ୍ଦିରେ କପାଟ ପାଡିଣ ଶୁତିଲା । ୧୪୪
ସ୍ନାହାନ ଭୋଜନ ସେ ନ କଲାକ କିଛି
କଟୁ ବଚନ ଶୁଣି ସେ ମୃତ୍ୟୁକୁ ଲୟେ କରିଅଛି । ୧୪୫
ମୁଣୋହିର ବେଳ ଯହୁଂ ହୋଇଲା ଯୁଗତେ
ଭୀମସେନକୁ ଯାଇ ଲୋଡନ୍ତି ଦେବୀ କୋନ୍ତେ । ୧୪୬
ବାବୁ ସୂର୍ଯ୍ୟ ଅସ୍ତ ବେଳ ହୋଇଲା ଉଠ ଉଠ ବ୍ରିକୋଦର
ସ୍ନାହାନ ସାରି ବାବୁ ମୁଣୋହିକି ବିଜେ କର । ୧୪୭
ଭୀମସେନ କବାଟ ପାଡି ଶୋଇଛି ବଜ୍ର ସେ କୀଳଣୀ
କୋଇନ୍ତାଙ୍କର ବଚନ ସେ ଶ୍ରବଣେ ନ ଶୁଣି । ୧୪୮
ଆରେ ଆରେ ଭୀମା ବୋଲି ମାୟେ ଡାକ ଦେଇ ଫୁଟି
ଶବ୍ଦ ଘୋର ଶୁଣି ବିଜେ କଲେକ ଯୁଝେଷ୍ଟି । ୧୪୯
----------
୧୪୬ ।୨ଭୀମସେନକୁ ଯାଇଂ ତୋଳନ୍ତି ଦେବୀ କୋନ୍ତେ ।

ଯୁଝେଷ୍ଟି ଡାକ ଦିଅନ୍ତି ବାବୁ ଉଠ କିନା ଭୀମସେନ
କାହାକଇଂ ବାବୁ ମନେ ତୋହୋର ୟେତେକ ଯେ ତମ । ୧୫୦
ବାବୁ କିଂକେ ଶରୀରକୁ କରୁଅଛି ଏତେ ପ୍ରାସ
ବେଳେ ବେଳେ ଭୁଞ୍ଜୁଥାଉ ନୋହୁ ରେ ତୁ ତୋଷ । ୧୫୧
ଷାଠିୟେ ପଉଟି ଅନ୍ନେ ବେଳେକେ ହୋଉ ଅତ୍ରିପୁତ୍ର
ଭୋଜନେ ସାନନ୍ଦ ତୋହୋର ଦେଖି ଉଛର୍ଗ ମନ ଧୀରତି । ୧୫୨
ସୂର୍ଯ୍ୟ ବେଳେ ବାବୁ ରେ ଯଦି କରିବୁ ଭୋଜନ
ତେବେ ସେ ତୋହୋର ଗର୍ଭେ ପଂକୁ ହୋଇବାକୁ ଅନ୍ନ । ୧୫୩
ସୋମର ବେଳେ ବାବୁ ମୁଣୋହି ସେ କଲେ
ଅଗ୍ନିମନ୍ଦ ହୁଅଇ ରେ ଆହାର ଭୁଞ୍ଜୁଲେ । ୧୫୪
କାହାର ହିଂ ବଚନ ସେ ନ ଶୁଣଇ ମାରୁତି
ବେଳ ଅସତ ଗଲା ହୋଇଲା ନିଶା ରାତି । ୧୫୫
ଯୁଝେଷ୍ଟି ବିସରିଲେ ଅର୍ଜୁନ ମୁଖ ଚାହିଂ
ଭୀମର ଅଭାବେ ଯେ କାହାରି ହିଂ ମୁଣୋହି ତ ନାହିଂ । ୧୫୬
ଅର୍ଜୁନ ବିସରି ସୁମରଇ ଜଗନ୍ନାଥ

ବଇନେତ ବାହାନେ ଆସି ବିଜୟେ ଅଚ୍ୟୁତ । ୧୫୭
ଖଗେଶ୍ୱର ପିଠିରୁ ଉତ୍ତୁରିଣ ଦେବ ଦାମୋଦର
ଯୁଝେଷ୍ଠି ଦେବଙ୍କୁ ଦେବ କୋଲକ ନମସ୍କାର । ୧୫୮
ଯୁଝେଷ୍ଠି ଦେବ ମଥାରେ ଦିଲେ ବେନି ପାଣି
ବୋଇଲେ ଭୀମର ଚରିତ୍ର ଦେବ ବୁଝ ନି ପରିମାଣି । ୧୫୯

-----------

୧୫୨ ।୧ଷାଠିୟେ ପଉଟି ଅନ୍ନେ ନୋହୁ ଯେ ତ୍ରିପୁତି ।
୧୫୬ ।୧ଯୁଝେଷ୍ଠି ବିସରିଲେ କୋନ୍ତାଙ୍କ ବଦନ ଚାହିଂ ।
୧୫୮ ।୨ପାଦ ପରେ ଗୋଟିଏ ପୋଥିରେ ଅଧିକା ପାଠ-
ଶ୍ରୀକୃଷ୍ଣଙ୍କ ଚରଣେ ମନନ୍ତି ଫାଲଗୁନି
ନକୁଳ ସହଦେବ କରନ୍ତି ଦୟିନି ।
କ୍ରୋଧଭରେ ଯୁଝେଷ୍ଠି ବୋଇଲେକ ବାଣୀ
ଭୀମର ଚରିତ୍ର ହାଦେ ଶୁଣ ଚକ୍ରପାଣି ।

କବାଟ କିଳିଣ ହାଦେ ଶୁତିଲା ଅଦଭୁତେ
ଅନାସ୍ତ ହୋଇଲୁଂ ଆମ୍ଭେ ଉପୁଜିଲୁଂ ପଞ୍ଚୁ ଭ୍ରାଥେ । ୧୬୦
ବାଳୁତ କାଳହୁଂ ଆମ୍ଭର ଅଟଇ ମନ୍ଦ କର୍ମ
ଅଭୋଗ ଲିଙ୍ଗ ହୋଇ ରହିଲୁ ଆମ୍ଭେ ଜନ୍ମ । ୧୬୧
ପିତା ପଣ୍ଡୁଙ୍କୁ ଆମ୍ଭେ ଦେଖି ନ ପାରିଲୁ ଭଲ କରି
ଧୃତରାଷ୍ଟ୍ର ଚିତ୍ତରେ ଅନ୍ତର ଧଇଲେ ନ ବିଚାରି । ୧୬୨
ହସ୍ତିନା ପୁରୁଂ ବାହାର କରି ଦିଲେକ ଆମ୍ଭନ୍ତ
ମହା ଗହନ ବନେ ପଶିଲୁ ଇନ୍ଦ୍ର ଯେ ପ୍ରଶସ୍ତ । ୧୬୩
ୟେତେକ କଷ୍ଟକୁ ହାଦେ ୟେହାର ପୁଣ ୟେତେକ କଥା
କବାଟ କିଳି ଶୁତିଲା ପାଇଲୁଂ ବଡ ବ୍ୟଥା । ୧୬୪
ଗୋବିନ୍ଦେ ବୋଇଲେ ଉଠ ଉଠ ହୋ ମାରୁତି
ଆମ୍ଭର ଛାମୁରେ କହ କେବଣ ତୋର ଗତି । ୧୬୫
ଭୀମସେନ ବୋଇଲା ଶୁଣ ହୋ ବାସୁଦେବ
ହସ୍ତିନା ସଭାୟେ ମୁଂ ପାଇଲି ଅନେକ ଅଭାବ । ୧୬୬
ଆସ୍ତାନେ ଦ୍ରିଯୋଧନ ବୋଲଇ ଆମ୍ଭର ପଞ୍ଚୁପିତା
ଉପହାସ କରି ବୋଇଲା ଧିକ ଧିକ ତୋହୋର ମାତା କୋନ୍ତା । ୧୬୭
ଆହୋ ୟେ ବଚନ ମାନ କାହାର ବେଳେ ସହୁ
ପ୍ରାଣ ବିସର୍ଜିବି ଶରୀର ପଛେ ମୋର ଯାଉ । ୧୬୮
କୂଟ ବଚନ ବ୍ରହ୍ମହତ୍ୟା ଦୋଷ ସଙ୍ଗେ ସରି
ଅନଗୃହ ନାଥ ଦୟା ମୋତେ କରିଥାଅ ଶ୍ରୀହରି । ୧୬୯
ଧୃତରାଷ୍ଟ୍ର ଯୁଝେଷ୍ଠିଙ୍କି ହୋଇଲେ କାଶୀଦେବତା
ତାହାଙ୍କ ଦ୍ରଶନ କଲେ ମୁଣୋହି କରଇ ନିତ୍ୟା । ୧୭୦

-----------

୧୬୦ ।୨ଅନାସ୍ତ ହୋଇବୁଂ ହରି ଆମ୍ଭେ ଚାରି ଭ୍ରାଥେ ।
୧୬୧ ।୧ଧ୍ୱଂସରିଙ୍ଗି ହୋଇ ହୋଇଲୁ ଆମ୍ଭେ ଜାତ
ଅଯୋଗ୍ୟ ପୁରୁଷ ହୋଇ ହୋଇଲୁ ଆମ୍ଭେ ଜନ୍ମ ।
୧୬୫ ।୨ଆମ୍ଭର ଛାମୁରେ କହ କେବଣ ଅପ୍ରୀତି
ଆମ୍ଭର ଛାମୁରେ କହ କେବଣ ତୋର ବିକୃତି ।
୧୬୮ ।୨ପ୍ରାଣ ବିସର୍ଜିବି ଗ୍ରିଧିନୀ ପଛେ ମାଂସ ଖାଉ ।

ସେ ଅନ୍ଧ ଆଗ୍ୟାଂ ପୁଣି ଦିଅଇ ଆମ୍ଭଙ୍କୁ

ଯତନେ ପଠିଆଇଂ ସଭାରେ ଆମୃଙ୍କୁ ଝିଂଘାସ କରିବାକୁ । ୧୭୧
ୟେ ଚାଣ୍ଡାଳ ପୁଣ ତାହା ସଂଘରଇ କେମନ୍ତେ
କିଞ୍ଚିତେ ହେଂ ଆଗ୍ୟାଂ ମୋତେ ନ ଦିଅଇ କଦାଷ୍ଟିତେ । ୧୭୨
ମାର ବୋଲି ବୋଇଲେ ମୁଂ ଲୋଟାଇ ଆସିବି ସେ ସବୁନ୍ତି
ଭୀଷ୍ମ ଭୂରିସର୍ବା ଶଲ୍ୟ ଆଦି ସକଳ ମହାରଥୀ । ୧୭୩
ଛତ୍ରୀ କୁଳେ ଜାତ ହୋଇ ୟେ ଅଟଇ ମହାପାପୀ
ଅନୁବ୍ରତେଣ ଅଣକୋପିତ ୟେ ଅଟଇ ଅଦ୍ୟାପି । ୧୭୪
ଭୀମସେନର ବଚନ ଶୁଣି ବୋଲନ୍ତି ଅଚ୍ୟୁତ
କବାଟ ଫେଡ ମାରୁତି ମୁଂ କହଇ ୟେଥିର ଅର୍ଥ । ୧୭୫
ଉଠିଣ ବ୍ରିକୋଦର ଫେଡିଲା କବାଟ
ଭୀମସେନ ବାସୁଦେବ ୟେକାନ୍ତେ ହେଲେ ଭେଟ । ୧୭୬
ନାରାୟଣ ବୋଇଲେ ସେ ତୋତେ ଝିଂଘାସ କହିଲେ
ତୁ ୟେବେ କୂଟ ବଚନ ନୁଆରିବୁ କି ଦର୍ପ ଥିଲେ । ୧୭୭
ବୋଲଇ ମାରୁତି ମୁଂ ନ ଜାଣଇ ନାଥ ତାହା
କେଉଣ କଥାଟି କହିବା କାଳନ୍ଦୀର ପ୍ରାଣନାହା । ୧୭୮
ଗୋବିନ୍ଦ ପ୍ରତିବାଚ ତୁ ଧରିଥାଅ ହୃଦଗତେ
ପବନ ପୁତ୍ର ବୋଲି ତୋତେ ବୋଲିବ ୟୁଗତେ । ୧୭୯
ଭୀମସେନ ବୋଇଲା ମୁଂ ନ ଜାଣଇ କିଛି
କେଉଣ କଳଙ୍କ ଖଣ୍ଡି ମୋତେ କହିବା ଶ୍ରୀବତ୍ସି । ୧୮୦
ଗୋବିନ୍ଦେ ବୋଇଲେ ଭୀମସେନର ଅଗ୍ରତେ
ବସ ହେ ପବନସୁତ ବୋଲି ବୋଲିବ ସେ ତୋତେ । ୧୮୧ ।
ତାହାର ବଚନ ତୁ ସଭାରେ ନ ସହିବୁ
ଆହୋ ଗୋଲକ ପୁତ୍ର ମୁଂ ବସୁଅଛି ନି ବୋଲିବୁ । ୧୮୨ ।
ୟେସନେକ ବଚନ ଯଦି ଶୁଣିମ ଧୃତରାଷ୍ଟି
ସଭାରେ ଲଜ୍ଜା ସିନା ସେ ପାଇବ ଲେଉଟି । ୧୮୩-୫୫୦୮

---------------

୧୭୨ { ୟେ ଚାଣ୍ଡାଳେ ପୁଣି ତାହା ସହଇ କେମନ୍ତେ
କିଞ୍ଚିତେ ହେଂ ଆଗ୍ୟାଂ ନ ଦିଅଇ କୃତେ ।
୧୭୭ ବାସୁଦେବ ୟେମନ୍ତ ବଚନ ବୋଇଲେ
ତାଙ୍କୁ କଟ ବଚନ ବୋଲ ତୋହୋର ଶକ୍ୟ ଥିଲେ ।
୧୮୩ ।୨ସଭାରେ ଲଜ୍ଜା ପାଇ ସେ ଯାଇ ସିନା ଉଠି ।